# ଜିଲ୍ଲା କାର୍ଯ୍ୟାଳୟ: ଢେଙ୍କାନାଳ

## (ଦେବୋତ୍ତର ବିଭାଗ)

ଟେଣ୍ଡର ଇସ୍ତାହାର ସଂଖ୍ୟା ୪୩୮ /ତାରିଖ ତା.୦୭.୦୩.୨୦୨୫

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ମାନ୍ୟବର ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧିନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକ ମାତ୍ର ଭୋଗ ଦୋକାନକୁ ୨୦୨୫-୨୬ ବର୍ଷ ପାଇଁ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ତା.୧୦.୩.୨୦୨୫ ରିଖ ଠାରୁ ତା.୧୮.୩.୨୦୨୫ ରିଖ ଦିବା ଘ.୧୨- ୦୦ ମିନିଟ୍ ସମୟ ମଧ୍ୟରେ ରେଜିଷ୍ଟ୍ରୀ ଡାକ ଯୋଗେ, କ୍ଷିପ୍ରଡାକ ଯୋଗେ ଓ କୋରିୟର ଡାକ ଯୋଗେ ପଠାଇପାରିବେ । ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୬୩,୭୫,୫୦୦/- (ତେଷଠି ଲକ୍ଷ ପଞ୍ଚସ୍ତରୀ ହଜାର ପାଞ୍ଚ ଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି । ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ.୬,୩୭,୫୫୦/- (ଛଅ ଲକ୍ଷ ସଇଁତିରିଶି ହଜାର ପାଞ୍ଚ ଶହ ପଚାଶ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ **Executive Officer, Debottar, Dhenkanal** ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦-୩୦ ମିନିଟ୍ ଠାରୁ ତା.୧୮.୩.୨୦୨୫ରିଖ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ପ୍ରେରଣକରି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ଟେଣ୍ଡର ସମୟରେ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା. ୧୮.୦୩.୨୦୨୫ ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା ।

ସର୍ବନିମ୍ନ ମୂଲ୍ୟ ଠାରୁ କମ୍ ଜଉମୁଦ ଟେଣ୍ଡର ପ୍ରେରଣ କରିଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ । ସର୍ବୋଚ୍ଚ ଟେଣ୍ଡର ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ଟେଣ୍ଡର ଅନୁମୋଦନ କରାଯିବ । ସର୍ବୋଚ୍ଚ ଟେଣ୍ଡରଧାରୀ ସେହି ଦିନ ଅର୍ଥାତ ତା.୧୮.୦୩.୨୦୨୫ ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ଟେଣ୍ଡରରେ ଉଲ୍ଲେଖ କରିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ କିମ୍ବା ଅର୍ଥ ଆକାରରେ ଦାଖଲ ଦେବେ । ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ଟେଣ୍ଡର ଉଲ୍ଲେଖକରି ଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ । କୌଣସି କାରଣ ନଦର୍ଶାଇ ଟେଣ୍ଡର ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି । ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ଟେଣ୍ଡରସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପାଇପାରିବେ ।

ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ

Commissioner of Endowments
Odisha, Bhubaneswar
10/3/25

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

Scanned with OKEN Scanner

ପରିପତ୍ର ସଂଖ୍ୟା........../ତାରିଖ..........

ଏହାର ଏକକିତା ନକଲ ସଂପାଦକ, ଦୈନିକ ଖବର କାଗଜ "........."/"........." ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଉକ୍ତ ବିଜ୍ଞାପନଟିକୁ ଗୋଟେ ଥର ପାଇଁ ପ୍ରକାଶନ କରିବେ। ଉକ୍ତ ପ୍ରକାଶନ ଖର୍ଚ୍ଚ ସୂଚନା ଓ ଲୋକ ସମ୍ପର୍କ ମୂଲ୍ୟରେ ସୀମିତ ରଖିବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

ପରିପତ୍ର ସଂଖ୍ୟା........../ତାରିଖ..........

ଏହାର ଏକକିତା ନକଲ ଦେବୋତ୍ତର ନିରୀକ୍ଷକ, କପିଳାସ/ ସଦରଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ସର୍ବସାଧାରଣଙ୍କର ଅବଗତି ନିମନ୍ତେ କପିଳାସ ପୀଠ ଓ ଦେବୋତ୍ତର କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଲଗାଇବାକୁ ନିର୍ଦ୍ଦେଶ ଦିଆଗଲା ।

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

ପରିପତ୍ର ସଂଖ୍ୟା........../ତାରିଖ..........

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଁଦିଆ/ତହସିଲଦାର, ଗଁଦିଆ/ ସରପଞ୍ଚ, ଦେଓଗାଁ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବିଧି କାର୍ଯ୍ୟନିମନ୍ତେ ପ୍ରେରଣ କରଗଲା।

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

ପରିପତ୍ର ସଂଖ୍ୟା........../ତାରିଖ..........

ଏହାର ଏକକିତା ନକଲ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଉକ୍ତ ବିଜ୍ଞାପନଟିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବେ ।

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

Commissioner of Endowments
Odisha, Bhubaneswar

Scanned with OKEN Scanner